# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14 September – 2026

**********************************

## ମୁଖ୍ୟ ସମ୍ବାଦ

- ହିନ୍ଦୀ ଭାଷା ସହ ସମସ୍ତ ଆଞ୍ଚଳିକ ଭାଷାକୁ ଉଚିତ ସମ୍ମାନ ଦିଆଯିବା ଆବଶ୍ୟକ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

– ନଭି ମୁମ୍ବାଇଠାରେ ପ୍ରଦାନ କଲେ 'ରାଜଭାଷା ଗୌରବ ଓ 'ରାଜଭାଷା କୀର୍ତ୍ତି ପୁରସ୍କାର'

- 'ସେବା ସଂକଳ୍ପ ଅଭିଯାନ'ରେ ଆସନ୍ତା ଗୁରୁବାର ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ

- ପଶ୍ଚିମ ଓଡ଼ିଶାରେ ଆସନ୍ତାକାଲି ପାଳନ କରାଯିବ ନୂଆଁଖାଇ

ଏବଂ

- ବିଶ୍ୱ ତୀରଚାଳନା ପ୍ରତିଯୋଗିତାର ବ୍ୟକ୍ତିଗତ ରିକର୍ଭରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ରଚିଲେ ଧିରଜ ବୋମ୍ମାଦେବରା

# ଅମିତ ଶାହା– ହିନ୍ଦୀ ଦିବସ

ସାଂସ୍କୃତିକ ଜାତୀୟତା ଓ ଭାରତୀୟ ଭାଷାର ପ୍ରଚାର ଓ ପ୍ରଚାର ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୁରୁତ୍ୱାରୋପ କରିଛନ୍ତି। ନଭି ମୁମ୍ବାଇଠାରେ ଆଜି ଆୟୋଜିତ 'ହିନ୍ଦୀ ଦିବସ' କାର୍ଯ୍ୟକ୍ରମ ଏବଂ ଷଷ୍ଠ 'ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ'କୁ ଉଦ୍‌ଘାଟନ କରି ଶ୍ରୀ ଶାହା କହିଛନ୍ତି, ଦେଶର ସଂସ୍କୃତି ଓ ସାହିତ୍ୟ ଏକ ପଦ୍ମଫୁଲ ଭଳି। ଦେଶର ପ୍ରତ୍ୟେକ ଆଞ୍ଚଳିକ ଭାଷା ଏହି ପଦ୍ମଫୁଲର ଗୋଟିଏ ଗୋଟିଏ ପାଖୁଡ଼ା ସଦୃଶ। ଏଥିରୁ ଗୋଟିଏ ପାଖୁଡ଼ା ମଧ୍ୟ ହଜିଗଲେ ସମଗ୍ର ପଦ୍ମର ସୌନ୍ଦର୍ଯ୍ୟ ହ୍ରାସ ପାଇବ। ହିନ୍ଦୀ ଭାଷାକୁ ଗୁରୁତ୍ୱ ଦେବା ସହ ସମସ୍ତ ଆଞ୍ଚଳିକ ଭାଷାକୁ ଉଚିତ ସମ୍ମାନ ଓ ମର୍ଯ୍ୟାଦା ଦିଆଯିବା ଆବଶ୍ୟକ ବୋଲି ଶ୍ରୀ ଶାହା କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଭାରତରେ ଅନେକ ଭାଷା ଓ ଉପଭାଷା ରହିଛି। ତେବେ ଭାଷାଗତ ବିବିଧତା ହିଁ ଦେଶର ଶକ୍ତି।

**- V/O -**

ବିଭିନ୍ନ ଭାରତୀୟ ଭାଷାରେ ଯୋଗାଯୋଗର ଏକ ସେତୁଭାବେ ହିନ୍ଦୀ ଏକ ପ୍ରଭାବଶାଳୀ ଭୂମିକା ନିର୍ବାହ କରିପାରିବ। ଏହା ଜାତୀୟ ଏକତାକୁ ଆହୁରି ସୁଦୃଢ଼ କରିପାରିବ ବୋଲି ସେ କହିଛନ୍ତି। ଏହି ଅବସରରେ ରାଜଭାଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୧ଟି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ୨୦୨୫-୨୬ ବର୍ଷ ପାଇଁ 'ରାଜଭାଷା ଗୌରବ' ଏବଂ 'ରାଜଭାଷା କୀର୍ତ୍ତି' ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ

ଭାରତୀ ବହୁଭାଷୀ ଅନୁବାଦ ଆପ୍‌ର ମଧ୍ଧ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

Desk

## ସେବା ଅଭିଯାନ

ସମଗ୍ର ଦେଶରେ ଆସନ୍ତା ୧୭ ତାରିଖରୁ ଅକ୍ଟୋବର ମାସ ୧୭ ତାରିଖ ପର୍ଯ୍ୟନ୍ତ 'ସେବା ସଙ୍କଳ୍ପ ଅଭିଯାନ'ର ଆୟୋଜନ କରାଯିବ। ଏହି ଉପଲକ୍ଷେ ୧୭ ତାରିଖ ଦିନ ରାଜ୍ୟବ୍ୟାପୀ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିନ ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ସକାଳେ କିମ୍ବା ସନ୍ଧ୍ୟାରେ ଦ୍ୱୀପ ପ୍ରଜ୍ୱଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O -**

ସେବା ସଂକଳ୍ପ ଅଭିଯାନର ଲକ୍ଷ୍ୟ ରହିଛି 'ଜନ ଭାଗିଦାରୀ ମାଧ୍ୟମରେ ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣ କରିବା'। ଅକ୍ଟୋବାର ମାସରେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଭାବେ ଜନସେବା କ୍ଷେତ୍ରରେ ଶ୍ରୀ ମୋଦିଙ୍କର ୨୫ ବର୍ଷ ପୂରଣ ହେଉଥିବା ଜଣାପଡ଼ିଛି।

Desk

## ପଞ୍ଚମ ସେମିକନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଗୁରୁବାର ନୂଆଦିଲ୍ଲୀର ଯଶୋଭୂମିଠାରେ 'ପଞ୍ଚମ ସେମିକନ୍ ଇଣ୍ଡିଆ-୨୦୨୬'କୁ ଉଦ୍‌ଘାଟନ କରିବେ। ଏଥିରୁ ୪୦ରୁ ଅଧିକ ରାଷ୍ଟ୍ରର ୬୦୦ରୁ ଅଧିକ ପ୍ରତିନିଧି, ୩୦୦ ଅନ୍ତର୍ଜାତୀୟ ସଂସ୍ଥା ଓ ପ୍ରତିଯୋଗୀ ଯୋଗଦେବେ। ସୂଚନା ଅନୁସାରେ, ସେମିକନ ଇଣ୍ଡିଆ କାର୍ଯ୍ୟକ୍ରମର ଶୁଭାରମ୍ଭ ୨୦୨୧ ମସିହା ଡିସେମ୍ବର ମାସରେ ହୋଇଥିଲା। ଏଥିପାଇଁ ୭୬ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

Desk

## ଆର୍.ବି.ଆଇ. - ଡାଇରେକ୍‌ସନ୍‌ସ

ବ୍ୟାଙ୍କ୍ ଆକାଉଣ୍ଟଗୁଡ଼ିକରେ ହେଉଥିବା କଥିତ ବେଆଇନ କାରବାର କ୍ଷେତ୍ରରେ ସେହି ଅର୍ଥର ବ୍ୟବହାରକୁ ଅସ୍ଥାୟୀ ଭାବେ ସ୍ଥଗିତ କରିବା ଲାଗି ବ୍ୟାଙ୍କ୍‌ଗୁଡ଼ିକ ପାଇଁ ଏକ ପରାମର୍ଶବଳୀ ପ୍ରସ୍ତୁତ କରାଯାଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ପ୍ରସ୍ତୁତ ଏହି ଚିଠା ପରାମର୍ଶବଳୀରେ ସାଇବର ଠକେଇ ସହ ଜଡ଼ିତ ଅଭିଯୋଗରେ ୧ ହଜାର ଟଙ୍କା କିମ୍ବା ତା'ଠାରୁ ଅଧିକ ଅର୍ଥ କାରବାର ହୋଇଥିଲେ ସମ୍ପୂର୍ଣ୍ଣ ଆକାଉଣ୍ଟକୁ ଅଚଳ କରା ନ ଯାଇ କେବଳ ସେହି ଅର୍ଥ କାରବାରକୁ ସ୍ଥଗିତ ରଖାଯାଇପାରିବ ବୋଲି ଉଲ୍ଲେଖ ରହିଛି। ଏହାର ଚିହ୍ନଟ ପାଇଁ କୃତ୍ରିମ ବୁଦ୍ଧିମତା ଆଧାରିତ ଯାଞ୍ଚ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପଡ଼ିବ । ଗତ ଅଗଷ୍ଟ ୪ ତାରିଖରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଏହି ଚିଠା ନିୟମାବଳୀ ପ୍ରସ୍ତୁତ କରାଯାଇଛି । ଆସନ୍ତାବର୍ଷ ଏପ୍ରିଲ୍ ପହିଲାରୁ ଏହାକୁ କାର୍ଯ୍ୟକାରୀ କରିବାପାଇଁ ଲକ୍ଷ୍ୟ ରଖାଯାଇଛି। ତେବେ ଏହାପୂର୍ବରୁ ବ୍ୟାଙ୍କଗୁଡ଼ିକ ଏହି

ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ବୋଲି ପରାମର୍ଶବଳୀରେ ଉଲ୍ଲେଖ କରାଯାଇଛି । ଏହି ଚିଠା ପରାମର୍ଶବଳୀ ଉପରେ ଜନସାଧାରଣଙ୍କଠାରୁ ମତାମତ ଲୋଡ଼ାଯାଇଛି ।

Desk

## ନୂଆଁଖାଇ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ଆସନ୍ତାକାଲି ସକାଳ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ନବାନ୍ନ ଲାଗି କରାଯିବ। ଏହାପରେ ନୂଆଧାନରେ ପ୍ରସ୍ତୁତ ଖାଦ୍ୟକୁ ଇଷ୍ଟଦେବୀଙ୍କୁ ଅର୍ପଣ କରିବାପରେ ନୂଆ ଖାଇବାର ପରମ୍ପରା ରହିଛି। କଳାହାଣ୍ଡିର ମାଣିକେଶ୍ୱରୀ, ଜୁନାଗଡ଼ର ଲଙ୍କେଶ୍ୱରୀ, ବଲାଙ୍ଗୀର ଓ ପାଟଣାଗଡ଼ର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ଆଦି ଦେବାଦେବୀଙ୍କ ପୀଠରେ ପ୍ରଥମେ ନବାନ୍ନ ଭୋଗ ଲାଗି ହେବା ପରେ ସେହି ଅନ୍ନକୁ ସମସ୍ତେ ଗ୍ରହଣ କରିବାର ପରମ୍ପରା ରହିଛି।

Desk

## ଗଣେଶ ପୂଜା

ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ ଆଜି ଶ୍ରଦ୍ଧା ଓ ଭକ୍ତିଭାବ ସହ ବିଘ୍ନନାଶକ ଶ୍ରୀଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଛି । ଶ୍ରୀକ୍ଷେତ୍ର ପୁରୀରେ ବହୁ ଶ୍ରଦ୍ଧାଳୁ ପ୍ରତ୍ୟୁଷରୁ ଶ୍ରୀମନ୍ଦିରକୁ ଯାଇ ବଟ ଗଣେଶଙ୍କ ପୂଜାର୍ଚ୍ଚନା କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ଗଣେଶ ମୂର୍ତ୍ତି ସହ ଆକର୍ଷଣୀୟ ତୋରଣମାନ ନିର୍ମାଣ କରାଯାଇଛି । ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ

ଛାତ୍ରଛାତ୍ରୀମାନେ ଉତ୍ସାହ ଓ ଉଦ୍ଦୀପନାର ସହ ଗଜାନନଙ୍କ ପୂଜାର୍ଚ୍ଚନା କରି ପୁଷ୍ପାଞ୍ଜଳି ଅର୍ପଣ କରିଛନ୍ତି।

ବୌଦ୍ଧ ସହର ସମେତ ଜିଲ୍ଲାରେ ଶତାଧିକ ପୂଜା ମଣ୍ଡପରେ ଆନନ୍ଦ ଉଲ୍ଲାସର ସହିତ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ସୁସଜ୍ଜିତ ମେଢ଼ ସହିତ ଆଲୋକମାଳାରେ ପୂଜାମଣ୍ଡପଗୁଡ଼ିକୁ ସୁସଜ୍ଜିତ କରାଯାଇଛି।

Desk

# ହିନ୍ଦୀ ଦିବସ

ଦେଶରେ ଆଜି 'ହିନ୍ଦୀ ଦିବସ' ପାଳନ କରାଯାଉଛି। ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀକୁ ଦେଶର ରାଜଭାଷା ଭାବରେ ଗ୍ରହଣ କରିଥିଲା। ୧୯୪୭ ମସିହାରେ ଦେଶ ସ୍ୱାଧୀନ ପରେ ସରକାର ହିନ୍ଦୀକୁ ବହୁଳ ଭାବରେ ବ୍ୟବହୃତ ଭାଷାର ମାନ୍ୟତା ଦେବା ପାଇଁ ଚେଷ୍ଟା ଜାରି ରଖିଥିଲେ। ରାଷ୍ଟ୍ରଭାଷା ପ୍ରଚାର ସମିତିର ଅନୁରୋଧକ୍ରମେ ୧୯୫୩ ମସିହା ସେପ୍ଟେମ୍ବର ମାସ ୧୪ ତାରିଖ ଦିନ ପ୍ରଥମ କରି ଆନୁଷ୍ଠାନିକ ଭାବେ ହିନ୍ଦୀ ଦିବସ ପାଳନ କରାଯାଇଥିଲା। ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ସହିତ ଏହାର ଗୁରୁତ୍ୱ ବୃଦ୍ଧି କରିବା ନେଇ ଏହି ଦିବସ ପାଳନ କରାଯାଉଛି। ବର୍ତ୍ତମାନ ହିନ୍ଦୀ ବିଶ୍ୱର ଅନ୍ୟତମ ବ୍ୟାପକ ଭାବେ କଥିତ ଭାଷା ଏବଂ ୫୨ କୋଟିରୁ ଅଧିକ ଲୋକଙ୍କର ମାତୃଭାଷା ଭାବେ ବ୍ୟବହାର ହେଉଛି । ବିଶ୍ୱର ପ୍ରାୟ ୧୭୫ଟି ବିଶ୍ୱବିଦ୍ୟାଳୟରେ ହିନ୍ଦୀ ବିଷୟ ଉପରେ

ପାଠପଢ଼ାଯାଉଛି। ଭାରତ ବ୍ୟତୀତ ନେପାଳ, ଫିଜି, ସୁରିନାମ, ଉଗାଣ୍ଡା, ପାକିସ୍ତାନ, ବାଂଲାଦେଶରେ ବହୁ ସଂଖ୍ୟାରେ ହିନ୍ଦୀ ଭାଷୀ ଅଛନ୍ତି।

Desk

## ଓମଫେଡ୍

ରାଜ୍ୟର ପ୍ରମୁଖ ଦୁଗ୍ଧ କମ୍ପାନୀ ଓମଫେଡ୍ ଏଣିକି ଆଇସ୍କ୍ରିମ ଓ ପାଣି ବଜାରକୁ ଆଣିବ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ଓମଫେଡ୍ ବୋର୍ଡର ଅନୁମୋଦନ ପରେ ଆଇସ୍କ୍ରିମ ଓ ପାଣିକୁ ବଜାରରେ ଲଞ୍ଚ କରାଯିବ। ଏହାଦ୍ୱାରା ଓମଫେଡର ଉତ୍ପାଦ ପରିସର ଆହୁରି ବ୍ୟାପକ ହେବା ସହ ଓଡ଼ିଶାର ଉପଭୋକ୍ତାଙ୍କ ପାଇଁ ନୂଆ ବିକଳ୍ପ ଉପଲବ୍ଧ ହୋଇପାରିବ।

Kendrapada

## ଜନଔଷଧି କେନ୍ଦ୍ର

କେନ୍ଦ୍ରାପଡ଼ା ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ପରିଯୋଜନା ଏକ ସଫଳ ଯୋଜନାଭାବେ ପରିଣତ ହୋଇଛି। ଜିଲ୍ଲାରେ ୩୧ଟି ଜନଔଷଧି କେନ୍ଦ୍ରରୁ ସେବା ପ୍ରଦାନ କରାଯାଉଛି।

Nayagada

## ବିନାୟକ ମିଶ୍ର ଜୟନ୍ତୀ

ଓଡ଼ିଆ ସାହିତ୍ୟ ଏକାଡେମୀ ଓ ତଥାସ୍ତୁ ଆନୁକୂଲ୍ୟରେ ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ନୟାଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ପଞ୍ଚାୟତ ସମିତି ସଭାକକ୍ଷରେ ଅନୁଷ୍ଠିତ ସମାରୋହରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସ୍ୱର୍ଗତଃ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ସମାରୋହରେ ୮ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର ୫୦ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

Desk

## ତୀରଚାଳନା ବିଶ୍ୱକପ୍

ମେକ୍ସିକୋର ସାଲିଟ୍‌ଲୋରେ ଚାଲିଥିବା ବିଶ୍ୱ ତୀରଚାଳନା ପ୍ରତିଯୋଗିତାର ବ୍ୟକ୍ତିଗତ ରିକର୍ଭରେ ଭାରତର ଧିରଜ ବୋମ୍ମାଦେବରା ସ୍ୱର୍ଣ୍ଣପଦକ ଜିତିଛନ୍ତି। ଧିରଜ ଫାଇନାଲରେ ଜାପାନ୍‌ର ଜୁନିୟା ନାକ୍‌ନିସିଙ୍କୁ ସୁଟ୍‌ଅଫ୍‌ରେ ପରାସ୍ତ କରି ବିଜୟ ହାସଲ କରିଛନ୍ତି। ଏହାସହ ଧିରଜ ତୀରଚାଳନା ବିଶ୍ୱକପ୍ ରିକର୍ଭର ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣପଦକ ଜିତିବାରେ ପ୍ରଥମ ଭାରତୀୟ ଭାବେ ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶୁଭେଚ୍ଛା ଜଣାଇଛନ୍ତି।

Desk

## ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ ରାଜ୍ୟର ଉତ୍ତର ଓ ଦକ୍ଷିଣ ଭାଗର କେତେକ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ଅଛି। କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଏବଂ ଗଜପତି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଅନୁମାନ

କରାଯାଇଛି । ଅନ୍ୟପକ୍ଷରେ ଆସନ୍ତା ୨୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ଏହାର ପ୍ରଭାବରେ ୨୨ ତାରିଖ ବେଳକୁ ଦକ୍ଷିଣ ଓ ଉତ୍ତର ଆନ୍ଧ୍ର ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ସୂଚନା ମିଳିଛି ।

ଆଜି ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯ ଦଶମିକ ୩/୫ ଘନଫୁଟ ରହିଛି । ବର୍ତ୍ତମାନ ଜଳଭଣ୍ଡାରର ୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି ।